# ଓଡ଼ିଆ କ୍ଷୁଦ୍ରଗଳ୍ପ

# ଧରା ଓ ଧାରା

## (ପ୍ରଥମ ଭାଗ)



ସମ୍ପାଦନା

ଶ୍ରୀଦରା ନିର୍ଝରିଣୀ

କୃଷ୍ଣଚନ୍ଦ୍ର ପ୍ରଧାନ

ଓଡ଼ିଆ କ୍ଷୁଦ୍ରଗଳ୍ପ :
ଧରା ଓ ଧାରା (ପ୍ରଥମ ଭାଗ)

ସଂପାଦନା :
ଶ୍ରୀଦତ୍ତା ନିର୍ଝରିଣୀ
ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

ପ୍ରକାଶକ :
ସତ୍ୟନାରାୟଣ ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ - ୨

ପ୍ରଥମ ସଂସ୍କରଣ : ୨୦୨୧

ଅକ୍ଷରସଜ୍ଜା :
କମ୍ପ୍ୟୁ କେଫ୍
ତୁଳସୀପୁର, କଟକ-୮

ମୁଦ୍ରଣ :
ଦେବୀ ଗ୍ରାଫିକ୍ସ,
ଚାନ୍ଦିନୀଚୌକ, କଟକ-୨

ମୂଲ୍ୟ : ୪୮୦.୦୦

ODIA KHYUDRAGALPA
DHARA O DHAARA
(Part-I)

Written by :
Sridatta Nirjharini
Prof. Krushna Chandra Pradhan

Published by :
Satyanarayan Book Store
Binod Behari, Cuttack-2

1st Edition : 2021

D.T.P. by :
Compu Cafe
Tulsipur, Cuttack -8

Printed at :
Devi Graphics
Chandinchouk, Cuttack-2

Price : Rs. 480 .00

ISBN : 81-8118-361-4

| କ୍ର.ନଂ. | ପ୍ରବନ୍ଧ | | ପୃଷ୍ଠା |
|---|---|---|---|
| ୨୧. | କଥାକାର ବାମାଚରଣ ମିତ୍ରଙ୍କ ଗଳ୍ପକଳା | – ଡକ୍ଟର ରୁଦ୍ରନାରାୟଣ ମହାପାତ୍ର | ୩୨୬ |
| ୨୨. | ଫତୁରାନନ୍ଦଙ୍କ ଗଳ୍ପ ମାନସ | – ଡକ୍ଟର ବିଜୟାନନ୍ଦ ସିଂହ | ୩୩୭ |
| ୨୩. | ଭୁବନେଶ୍ୱରଙ୍କ ଗଳ୍ପର ପରିମଣ୍ଡଳ | – ଡକ୍ଟର ଗୋପୀନାଥ ବାଗ | ୩୬୩ |
| ୨୪. | ଅବାରିତ ସୃଷ୍ଟି : ଅନୁପମ କାରିଗରୀ (ରାଜକିଶୋର ପଟ୍ଟନାୟକଙ୍କ କଥାସୃଷ୍ଟି) | – ଡ. କପିଳେଶ୍ୱର ଗାହାଣ | ୩୮୭ |
| ୨୫. | ଜୀବନଧର୍ମୀ ବାସ୍ତବତାର ରୂପକାର : ବିଭୂତି ଭୂଷଣ ତ୍ରିପାଠୀ | – ଡକ୍ଟର ପୂର୍ଣ୍ଣାନନ୍ଦ ଦାନୀ | ୪୦୦ |
| ୨୬. | ସୁରେନ୍ଦ୍ର ଗଳ୍ପମାନସ : ଏକ ଅନୁଶୀଳନ | – ଡ. ଗିରୀଶଚନ୍ଦ୍ର ସାହୁ | ୪୧୪ |
| ୨୭. | କଳ୍ପସିଂହାସନରୁ ଗଣସିଂହାସନ : ସ୍ରଷ୍ଟା ବ୍ରହ୍ମାନନ୍ଦ ପଣ୍ଡା | – ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ | ୪୪୬ |
| ୨୮. | କିଶୋରୀ-କଥକତା | – ପ୍ରଫେସର କଇଳାଶ ପଟ୍ଟନାୟକ | ୪୫୨ |
| ୨୯. | ଗଳ୍ପକାର ମହାପାତ୍ର ନୀଳମଣି ସାହୁ | – ପ୍ରଫେସର ନିତ୍ୟାନନ୍ଦ ଶତପଥୀ | ୪୬୨ |
| ୩୦. | କଥାକାର ଅଚ୍ୟୁତାନନ୍ଦ ପତି | – ଡକ୍ଟର ପ୍ରକାଶ କୁମାର ପରିଡ଼ା | ୪୮୭ |
| ୩୧. | ଖିଆଲି ଜୀବନ ଓ ବଞ୍ଚିବାର ଅଭିଧାନ (ଅଖିଳମୋହନଙ୍କ କଥାଜଗତ) | – ଡ. କପିଳେଶ୍ୱର ଗାହାଣ | ୪୯୬ |
| ୩୨. | ଦୁର୍ଗାମାଧବ ମିଶ୍ରଙ୍କ କ୍ଷୁଦ୍ରଗଳ୍ପର ମୂଲ୍ୟାୟନ | – ଡକ୍ଟର ଅପର୍ଣ୍ଣା ମହାନ୍ତି | ୫୦୪ |
| ୩୩. | ଏକ ବିରଳ କଥାକ୍ରାନ୍ତି : ଚନ୍ଦ୍ରଶେଖର ରଥଙ୍କ ଗଳ୍ପକୃତି | – ଡକ୍ଟର ଦିଲୀପ କୁମାର ସ୍ୱାଇଁ | ୫୧୧ |
| ୩୪. | ସାତକଡ଼ି ହୋତାଙ୍କ ଗଳ୍ପ : ଏକ ଆକଳନ | – ଡକ୍ଟର ସୁରେନ୍ଦ୍ର କୁମାର ମହାରଣା | ୫୨୨ |
| ୩୫. | ଶାନ୍ତନୁ ଆଚାର୍ଯ୍ୟଙ୍କ ଗଳ୍ପମାନସ | – ପ୍ରଫେସର ବୈଷ୍ଣବଚରଣ ସାମଲ | ୫୩୯ |
| ୩୬. | ଦାର୍ଶନିକ - ଗାଳ୍ପିକ : କୃଷ୍ଣପ୍ରସାଦ ମିଶ୍ର | – ଡକ୍ଟର ପ୍ରକାଶ କୁମାର ପରିଡ଼ା | ୫୫୮ |
| ୩୭. | ବ୍ୟଙ୍ଗ ଗଳ୍ପସ୍ରଷ୍ଟା ଚୌଧୁରୀ ହେମକାନ୍ତ ମିଶ୍ର | – ଡ. ଦୁର୍ଗାପ୍ରସନ୍ନ ପଣ୍ଡା | ୫୬୫ |
| ୩୮. | ମନୋଜ ଦାସଙ୍କ ଗଳ୍ପମାନସ | – ଡକ୍ଟର ଅର୍ଚ୍ଚନା ନାୟକ | ୫୭୨ |
| ୩୯. | ରବି ପଟ୍ଟନାୟକଙ୍କ ଗଳ୍ପର ଦିଗ ଓ ଦିଗନ୍ତ | – ଡ. କବିତା ବାରିକ | ୫୮୯ |
| ୪୦. | କଥାଶିଳ୍ପୀ ଭୂପେନ ମହାପାତ୍ର : ଏକ ବିଚାର | – ଶ୍ରୀଦତ୍ତା ନିର୍ଝରିଣୀ | ୬୦୫ |


□□□

# ଭୁବନେଶ୍ୱରଙ୍କ ଗଳ୍ପର ପରିମଣ୍ଡଳ

ଡକ୍ଟର ଗୋପୀନାଥ ବାଗ

ସମୃଦ୍ଧ ଓଡ଼ିଆ କଥା ସାହିତ୍ୟ ପରମ୍ପରାର ଜଣେ ଶ୍ରଦ୍ଧାଶୀଳ, ସମ୍ବେଦନ ପ୍ରବଣ, ବିଦଗ୍ଧପ୍ରାଣ, ପ୍ରଜ୍ଞାଦୀପ୍ତ ସ୍ରଷ୍ଟା ଭାବରେ ଭୁବନେଶ୍ୱର ବେହେରା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟର ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣକାହାଣୀ, ଉପନ୍ୟାସ ପ୍ରଭୃତି ରଚନା କ୍ଷେତ୍ରରେ ଲେଖନୀ ଚାଳନା କରି ଅସପତ୍ନ ପ୍ରତିଷ୍ଠା ଲାଭ କରିବାରେ ସେ ସଫଳ ହୋଇପାରିଛନ୍ତି । ଜୀବନର ଉତ୍ତରକାଳରେ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିବା ଏହି ସାରସ୍ୱତ ପୁରୁଷ ଜଣେ ଉଚ୍ଚଶିକ୍ଷିତ ଓ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇ ସୁଚାରୁରୂପେ ଦାୟିତ୍ୱ ସଂପାଦନ କରିଥିବା ହେତୁ ତାଙ୍କ ସୃଷ୍ଟି ପର୍ଯ୍ୟାପ୍ତ ଅନୁଭୂତି ପରିପକ୍ୱ ଦୃଷ୍ଟିଭଙ୍ଗୀ ତଥା ଯୁକ୍ତିନିଷ୍ଠ ଚିନ୍ତନରେ ପର୍ଯ୍ୟବସିତ ।

ପ୍ରଫେସର ବେହେରା ଏକ ଦରଦୀପ୍ରାଣର ଜୀବନ ପ୍ରତିବଦ୍ଧ କଥାକାର । ଜଣେ ସମୟ ସଚେତନ ଶିଳ୍ପୀ ଭାବରେ ସମାଜର ବିପର୍ଯ୍ୟୟ, ଜାତୀୟ ଜୀବନର ଦୁଃସ୍ଥିତି, ସ୍ୱାର୍ଥାନ୍ୱେଷୀ ମଣିଷର ହୀନମନ୍ୟତା, ମୂଲ୍ୟବୋଧର ଅବକ୍ଷୟକୁ ଯେତେ ନିଷ୍ଠାପର ଭାବରେ ନିରୀକ୍ଷଣ କରିଛନ୍ତି ତଦନୁରୂପ ଜୀବନ ପ୍ରତି ଗଭୀର ମମତ୍ୱବୋଧ, ବିଶ୍ୱପ୍ରତି ପ୍ରଗାଢ଼ ଅନୁରକ୍ତି ତଥା ସାମାଜିକ ପ୍ରତିବଦ୍ଧତାରେ ସେ ସେତେ ଅଂଗୀକାରବଦ୍ଧ । ମାଟି ଓ ମଣିଷକୁ ଗଭୀର ଭାବରେ ଭଲପାଉଥିବା ଏହି କଥାଶିଳ୍ପୀଙ୍କ ସୃଷ୍ଟି ଅତ୍ୟନ୍ତ ମନୋଜ୍ଞ ଓ ପ୍ରାଣପ୍ରାଚୁର୍ଯ୍ୟ ପୂର୍ଣ୍ଣ । ଭୁବନେଶ୍ୱରଙ୍କ ସୃଷ୍ଟି ସମୂହ ସତ୍ୟାଶ୍ରୟୀ ଓ ସତ୍ୟାନ୍ୱେଷୀ; କପୋଳକଳ୍ପିତ କଥା ନୁହେଁ, ବରଂ ନିରାଟ ବାସ୍ତବତାର ବର୍ଣ୍ଣନା ବୈଚିତ୍ର୍ୟ ହେଉଛି ତାଙ୍କ ସୃଷ୍ଟିର ଧର୍ମ । ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ବିଦ୍ୟମାନ ତାଙ୍କ ସୃଷ୍ଟିରେ ଭରି ରହିଛି ଶିଷ୍ଟହାସ୍ୟ ଓ ଚଟୁଳ ବ୍ୟଙ୍ଗ ।

ଭୁବନେଶ୍ୱରଙ୍କ ପ୍ରକାଶିତ ଚାରୋଟି ଗଳ୍ପଗ୍ରନ୍ଥ ( ୧-ଆନସାରୀ ଚାଚା ଓ ଅନ୍ୟାନ୍ୟ ଗଳ୍ପ, ୨ - କଥା ଓ ଲଥା, ୩ - ଫରଫର ଉଡ଼େ ଓ ୪ - କହ ମନ୍ତ୍ରୀବର)ରେ ରହିଛି ମୋଟ ଏକଚାଳିଶଟି ଗଳ୍ପ । ସାଧାରଣତଃ ତାଙ୍କ ଗଳ୍ପଗୁଡ଼ିକ ଗ୍ରାମୀଣ ଓ ସହରୀ ପଟ୍ଟଭୂମି